## କେନ୍ଦୁଝର : ଗାନ୍ଧୀ ଜୟନ୍ତୀ ମହାସମାରୋହରେ ପାଳିତ

କେନ୍ଦୁଝର, ତା ୦୨.୧୦.  କେନ୍ଦୁଝର ଜିଲ୍ଲା ସଦର ମହକୁମାରେ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କର ୧୫୪ ତମ ଜୟନ୍ତୀ ଏବଂ ସ୍ୱର୍ଗୀୟ ପ୍ରଧାନମନ୍ତ୍ରୀ ଲାଲ୍ ବାହାଦୁର ଶାସ୍ତ୍ରୀଙ୍କ ୧୧୯ ତମ ଜୟନ୍ତୀ ଚଳିତ ଅକ୍ଟୋବର ମାସ ୦୨ ତାରିଖ ସୋମବାର ଦିନ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ସକାଳେ ନଗର ଭବନ ନିକଟରେ ଏବଂ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅବସ୍ଥାପିତ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ମାଲ୍ୟାର୍ପଣ କରି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ଜିଲ୍ଲାପାଳ ଆଶିଷ ଠାକରେଙ୍କ ନିର୍ଦ୍ଦେଶକ୍ରମେ ପରେ ପରେ ଦରବାର ହଲ ଠାରେ ଅତିରିକ୍ତ ଜିଲ୍ଲାପାଳ ପଦ୍ମମଣି ମହଲାଙ୍କ ଅଧକ୍ଷତାର ଆୟୋଜିତ ସ୍ୱତନ୍ତ୍ର ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜିଲ୍ଲାପରିଷଦ ଅଧକ୍ଷା ଶ୍ରୀମତୀ ସାଗରୀକା ସାହୁ ଉଦବୋଧନ ଦେଇଥିଲେ । ଉଦବୋଧନ ଛଳରେ ଶ୍ରୀମତୀ ସାହୁ କହିଥିଲେ ଯେ ମହାତ୍ମା ଗାନ୍ଧୀଙ୍କ ନୀତି, ଆଦର୍ଶ, ସରଳ ଜୀବନ, ଉଚ୍ଚ ଚିନ୍ତନ, ତ୍ୟାଗ, ଅହିଂସା ମନୋଭାବକୁ ଛାତ୍ରଛାତ୍ରୀମାନେ ନିଜର ଜୀବନରେ ଅନୁସରଣ କରିବାକୁ ସଂକଳ୍ପ ନେବା ଏବଂ ଲାଲ୍ ବାହାଦୁର ଶାସ୍ତ୍ରୀଙ୍କ ବ୍ୟକ୍ତିତ୍ୱରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଜଣାଇଥିଲେ । ଅତିରିକ୍ତ ଜିଲ୍ଲାପାଳ ପଦ୍ମମଣି ମହଲା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, କେନ୍ଦୁଝର ଉପଜିଲ୍ଲାପାଳ ରାମଚନ୍ଦ୍ର କିସକୁ, କେନ୍ଦୁଝରଗଡ଼ ପୌରପାଳିକାର ନିର୍ବାହୀ ଅଧିକାରୀ ଡ଼ାଃ ମଧୁସ୍ମିତା ସାମନ୍ତରାୟ ବକ୍ତବ୍ୟ ପ୍ରଦାନ କରି ଗାନ୍ଧୀ ଏବଂ ଶାସ୍ତ୍ରୀଙ୍କ ଉଚ୍ଚ ଆଦର୍ଶ, ଚିନ୍ତନ ଏବଂ ତ୍ୟାଗ ସବୁବେଳେ ଦେଶବାସୀଙ୍କୁ ଉଦ୍‌ବୁଦ୍ଧ କରୁଥିବ ବୋଲି କହିଥିଲେ । ଗାନ୍ଧୀଜୀଙ୍କ ଜୀବନ ଶୈଳୀ ଉପରେ ଆଲୋକପାତ କରି ଜାତିର ଜନକ ମହାତ୍ମା ଗାନ୍ଧୀଙ୍କୁ ମହାମାନବ, ଅହିଂସାର ପୂଜାରୀ, ତ୍ୟାଗ, ସେବା ଓ ପରୋପକାରର ପ୍ରତୀକ ଭାବେ ଅବିହିତ କରି ମହାତ୍ମା ଗାନ୍ଧୀ ସମଗ୍ର ପୃଥିବୀର ଜନନାୟକ ଏବଂ ଆଦର୍ଶ ଥିଲେ ବୋଲି କହିଥିଲେ । ଗାନ୍ଧୀଜୀଙ୍କ ସତ୍ୟ, ଅହିଂସା ନୀତି ସର୍ବଦା ବିଶ୍ୱକୁ ଉଦ୍‌ଭାସିତ କରିବ ବୋଲି କହିଥିଲେ । ଗାନ୍ଧୀଜୀ ଏବଂ ଶାସ୍ତ୍ରୀଜୀଙ୍କ ବ୍ୟକ୍ତିତ୍ୱ ସଂପର୍କରେ ଆଲୋକପାତ କରି ଜନସାଧାରଣ ତଥା ଛାତ୍ରଛାତ୍ରୀମାନେ ତାଙ୍କରି ଆଦର୍ଶରେ ଅନୁପ୍ରାଣିତ ହୋଇ ଭବିଷ୍ୟତରେ ଦେଶ ଗଠନ ପାଇଁ ସଂକଳ୍ପ ନେବାକୁ ଆହ୍ୱାନ ଜଣାଇଥିଲେ । ଉପନିର୍ଦ୍ଦେଶକ ସୂଚନା ଓ ଲୋକ ସଂପର୍କ ସଂଜୀବ ବାରିକ ପ୍ରାରମ୍ଭରେ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ପ୍ରାରମ୍ଭରେ ବାପୁଜୀଙ୍କ ପ୍ରିୟ ଆଶ୍ରମ ଭଜନ 'ବୈଷ୍ଣବ ଜନ ତୋ' ଏବଂ 'ରଘୁପତି ରାଘବ ରଜାରାମ' କଳାକାର ମାନଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା । ପରେ ପରେ ଆୟୋଜିତ ସର୍ବଧର୍ମ ପ୍ରାର୍ଥନା ସଭାରେ ପଣ୍ଡିତ ମଧୁସୂଦନ ମିଶ୍ର ଗୀତା ପାଠ କରିଥିବାବେଳେ ମୌଲାନା ଅବଦୁଲ ଖାଲିକ କୋରାନ୍ ଓ ରେଭେରେଣ୍ଡ୍ ସି.ଡି.ଲିମା ବାଇବେଲ୍ ପାଠ କରିଥିଲେ । ଏହି ଅବସରରେ ଉଚ୍ଚବିଦ୍ୟାଳୟସ୍ତରୀୟ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଗାନ୍ଧୀଜୀଙ୍କ ସଂପର୍କିତ ବକ୍ତୃତା ଓ ଚିତ୍ରକଳା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ସମାରୋହରେ ବିଭିନ୍ନ ବିଭାଗୀୟ ଅଧିକାରୀ, ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ଗଣମାଧ୍ୟମର ପ୍ରତିନିଧି, ଶିକ୍ଷକଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ତଥା ବିଭିନ୍ନ ଅନୁଷ୍ଠାନ ଓ ସଂଗଠନର କର୍ମକର୍ତ୍ତା, ଜନସାଧାରଣ ଯୋଗଦେଇଥିଲେ । ଜିଲ୍ଲା ସୂଚନା ଓ ଲୋକ ସଂପର୍କ କାର୍ଯ୍ୟାଳୟ ତରଫରୁ ପ୍ରତ୍ୟୁଷରୁ ସହରରେ ରାମଧୁନ ପ୍ରଚାର କରାଯାଇଥିଲା ।

2/10/2023

ଉପନିର୍ଦ୍ଦେଶକ, ସୂଚନା ଓ ଲୋକ ସଂପର୍କ, କେନ୍ଦୁଝର